بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୪ ନଭେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ କାଳରେ ସଙ୍ଘଟିତ ହୋଇଥିବା ଯୁଦ୍ଧ ଓ ତହିଁରେ ମହାଭାଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂକ୍ରାନ୍ତରେ ଗତ ଖୁତ୍‌ବାରେ ଚର୍ଚ୍ଚା ଚାଲିଥିଲା । ଏହି ପ୍ରସଙ୍ଗରେ ତବୁକ୍ ଯୁଦ୍ଧର ବ୍ୟାଖ୍ୟାତ୍ମକ ବର୍ଣ୍ଣନା କରିଥିଲି, ତାହାର ଅତିରିକ୍ତ ଘଟଣାବଳୀ ଏହିକି ଯେ- ସେହି ସମୟରେ ଜଣେ ମହିଳା ଅତି ନିଷ୍ଠା ଓ ଉଦ୍‌ବେଗର ପରିପ୍ରକାଶ କରିଥିଲେ । ଯାହାର ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଯେହେତୁ ମୁସଲମାନ ସେନାକୁ ସିରିୟା ଅଭିମୁଖେ ଯିବାର ଥିଲା ଓ ମୌତା ଯୁଦ୍ଧର ଦୃଶ୍ୟ ମୁସଲମାନମାନଙ୍କ ମାନସପଟରେ ଉଜ୍ଜିବୀତ ରହିଥିଲା, ତେଣୁ ପ୍ରତ୍ୟେକ ମୁସଲମାନ ମନରେ ପୁଣ୍ୟଶ୍ଳୋକଙ୍କର ସୁରକ୍ଷା ସମସ୍ତ ବିଷୟରୁ ଢ଼େର ଅଧିକ ରହିଥିଲା । ଏପରିକି ମହିଳାମାନେ ମଧ୍ୟ ଏହି ଭୟ ପ୍ରତି ସଜାଗ ସତର୍କ ରହିଥିଲେ ଏବଂ ନିଜ ପରିବାର ଓ ପୁତ୍ରମାନଙ୍କୁ ଯୁଦ୍ଧ କ୍ଷେତ୍ରକୁ ଯିବା ନିମନ୍ତେ ତାଗିଦ୍ କରୁଥିଲେ ।

ଏହି ନିଷ୍ଠା ଓ ଉଦ୍‌ବେଗର ଅନୁମାନ ଏପରି କରାଯାଇପାରେ, ଯେ ଜଣେ ସାହାବି ଯିଏକି କୌଣସି କାର୍ଯ୍ୟ ସାଧନ ନିମନ୍ତେ ମଦିନା ବାହାରକୁ ଯାଇଥିଲେ, ସେ ସେତେବେଳେ ପ୍ରତ୍ୟାବର୍ତ୍ତନ କଲେ ଯେତେବେଳେ ହୁଜୁର[ସ.ଅ] ମୁସଲମାନ ସେନା ସହିତ ମଦିନାରୁ ପ୍ରସ୍ଥାନ କରିଯାଇଥିଲେ । ଏକ ଦୀର୍ଘ ଅବଧି ପରେ ଯେତେବେଳେ ସେ ଏହି ଅଭିଳାଷ ନେଇ ନିଜ ଘରେ ପ୍ରବେଶ କଲେ ଯେ, ନିଜ ପତ୍ନୀଙ୍କୁ ଦେଖିବେ ଓ ଆନନ୍ଦିତ ହେବେ । କିନ୍ତୁ ତାଙ୍କୁ ତାଙ୍କ ପତ୍ନୀ ଘରର ପ୍ରାଙ୍ଗଣରେ ହିଁ ବସି ଥିବାର ମିଳିଲେ, ଅତଃ ସେ ପ୍ରେମ ଭାବର ସହିତ ତାଙ୍କୁ ଆଲିଙ୍ଗନ କରିବାକୁ ବଢ଼ିଲେ । ଆଉ ଯେତେବେଳେ ସେ ପତ୍ନୀଙ୍କ ନିକଟତର ହେଲେ ସେତେବେଳେ ଉକ୍ତ ମହିଳା ଜଣକ ତାଙ୍କୁ ନିଜ ଦୁଇ ହସ୍ତରେ ଧକ୍କା ଦେଇ ପଛକୁ ହଟାଇ ଦେଲେ ଓ କହିଲେ; କ'ଣ ତୁମକୁ ଲାଜ ଲାଗୁ ନାହିଁ, ଯେ ପବିତ୍ର ଅବତାର ରଣକ୍ଷେତ୍ର ପରି ଅତି ସଙ୍କଟପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି, ଆଉ ତୁମେ ନିଜ ପତ୍ନୀକୁ ପ୍ରେମ କରିବାକୁ ମନ ବଳାଉଛ । ପ୍ରଥମେ ଯାଇ ନିଜ କର୍ତ୍ତବ୍ୟ ସମ୍ପାଦନ କର ତା'ପରେ ଏସବୁ କାମ କରିବ । ବସ୍ତୁତଃ ସେ ସାହାବି ସେହି ମୁହୂର୍ତ୍ତରେ ହିଁ ବାହାରିଗଲେ ଓ ନିଜ ବାହନ ଉପରେ ଆସନ ବାନ୍ଧି ଯାତ୍ରା କଲେ ଓ ତିନ୍ ସ୍ଥାନରେ ଯାଇ ମହାଭାଗ[ସ.ଅ]ଙ୍କ ସହିତ ମିଳିତ ହୋଇଗଲେ । ସେଥିଅନ୍ତେ ସେ ସେତେବେଳେ ଯାଇ ଘରକୁ ଫେରିଲ ଯେତେବେଳେ ମହାଭାଗ ଅନ୍ୟ ସାହାବାମାନଙ୍କ ସହିତ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲେ । ବସ୍ତୁତଃ ଏମାନେ ସେହି ଲୋକ, ଯିଏକି ପ୍ରତ୍ୟେକ ବିପଦପୂର୍ଣ୍ଣ ପରିସ୍ଥିତିରେ ନିଜ ପ୍ରାଣର ତିଳେ ମାତ୍ର ଭ୍ରୂକ୍ଷେପ ନକରି ପୁଣ୍ୟଶ୍ଳୋକଙ୍କ ସକାଶେ

ସମସ୍ତ ପ୍ରକାରର ଦୁଃଖ ଓ କଷ୍ଟକୁ ସହ୍ୟ କରିଥିଲେ । ବରଂ ସେମାନେ ସେହି ଦୁଃଖ ଓ କଷ୍ଟକୁ ସାଦରେ ଗ୍ରହଣ କରୁଥିଲେ, **ଆଉ ଯେତେବେଳେ ମଧ୍ୟ ତାଙ୍କୁ କୌଣସି ସେବା କରିବାର ଅବସର ମିଳୁଥିଲା ସେତେବେଳେ ସେମାନେ ଅତି ପ୍ରସନ୍ନଚିତ୍ତର ସହିତ ନିଜ ଜୀବନ ଉତ୍ସର୍ଗ କରି ଦେଉଥିଲେ ।**

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ସେ ଯାହା ହେଉ ଏହି ଯୁଦ୍ଧର ବ୍ୟାଖ୍ୟାରେ ଉଲ୍ଲେଖ ରହିଛି, ହୁଜୁର[ସ.ଅ] ୧୫ ଅବା ୧୯ଗୋଟି ସ୍ଥାନରେ ଅବସ୍ଥାନ କରି ଶେଷରେ ନିଜ ସାହାବାମାନଙ୍କ ସାଥିରେ ତବୁକ୍ ସ୍ଥାନରେ ପହଞ୍ଚି ଥିଲେ । ତବୁକ୍ ଅଭିମୁଖେ ଏହି ଯାତ୍ରାରେ ମୁସଲମାନମାନେ ଯେଉଁ ଯେଉଁ ସ୍ଥଳେ ଅବସ୍ଥାନ କରିଥିଲେ, ତାହାର ପୃଥକ ବର୍ଣ୍ଣନା ମିଳୁ ନାହିଁ । ଯଦିଚ ସେହି ସ୍ଥାନମାନଙ୍କରେ ପରବର୍ତ୍ତୀ ସମୟରେ ମସଜିଦ୍ ନିର୍ମାଣ କରାଯାଇଥିଲା ଓ ସେହି ସ୍ଥାନର ନାମାନୁଯାୟୀ ଉକ୍ତ ମସଜିଦ୍‌ଗୁଡ଼ିକର ନାମକରଣ କରାଯାଇଥିଲା । ତେବେ ଇତିହାସବିତ୍ ଏଥିରୁ ଏହା ବୁଝିଛନ୍ତି, ଯେ ସେହି ସ୍ଥାନଗୁଡ଼ିକରେ ହୁଜୁର[ସ.ଅ] ଅବସ୍ଥାନ କରିଥିବେ ।

ଗୋଟିଏ ବର୍ଣ୍ଣନାନୁଯାୟୀ ହଜରତ ଉକ୍‌ବା ବିନ୍ ଆମିର୍ ବର୍ଣ୍ଣନା କରନ୍ତି, ଆମେମାନେ ତବୁକ୍ ଅଭିମୁଖେ ହୁଜୁର[ସ.ଅ]ଙ୍କ ସାଥିରେ ବାହାରିଲୁ, ଯାତ୍ରା ଅବଧିରେ ଏକଦା ରାତ୍ରରେ ହୁଜୁର[ସ.ଅ] ଶୋଇ ପଡିଲେ ଓ ସେତେବେଳେ ଜାଗ୍ରତ ହେଲେ ଯେତେବେଳେ ସୂର୍ଯ୍ୟ ଉଦୟ ହୋଇ ଯାଇଥିଲା । ଏହା ଦେଖି ମହାଭାଗ କହିଲେ; ହେ ବିଲାଲ୍ ! କ'ଣ ମୁଁ ତୁମକୁ କହି ନଥିଲି ଯେ ଆମକୁ ଫଜର୍ ବେଳେ ଜଗାଇ ଦେବ ? ଏଥିରେ ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆପଣଙ୍କ ପରି ମୋତେ ମଧ୍ୟ ନିଦ ଗ୍ରାସ କରିନେଲା । ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ସେହିକ୍ଷଣି ସେନାକୁ ସେଠାରୁ ଆଗକୁ ଅଗ୍ରସର ହେବାକୁ ଆଦେଶ ଦେଲେ ଓ କିଛି ଦୂରତା ଅତିକ୍ରମ କରିବା ପରେ ନିଜ ବାହାନରୁ ଓହ୍ଲାଇଲେ ଏବଂ ସୁନ୍ନତ୍ ନମାଜ ପାଠ କଲେ । ତା'ପରେ ସାହାବାମାନଙ୍କୁ ନମାଜ ପଢାଇଲେ । ତହୁଁ ହୁଜୁର[ସ.ଅ] ସାରାଦିନ ଓ ସାରା ରାତି ଯାତ୍ରା ଜାରି ରଖିଲେ । ଏପରିକି ପରବର୍ତ୍ତୀ ଦିନ ସକାଳୁ ସକାଳୁ ମହାଭାଗ ତବୁକ୍ ସ୍ଥଳେ ପହଞ୍ଚି ଗଲେ ।

ତବୁକ୍ କ୍ଷେତ୍ରରେ ପହଞ୍ଚିବା ପରେ ପୁଣ୍ୟଶ୍ଳୋକ ଅଲ୍ଲାଃତାଲାଙ୍କର ପ୍ରଶଂସା ଓ ମହିମା ଗାନ କଲେ ଏବଂ ସାହାବାଙ୍କୁ ସମ୍ବୋଧନ କରି ବେଶ ମହତ୍ତ୍ୱପୂର୍ଣ୍ଣ ଉପଦେଶ ଦେଲେ । ତା'ପରେ ଦୁଆ କଲେ ହେ ଅଲ୍ଲାଃ ! ମୋତେ ଓ ମୋ ସମ୍ପ୍ରଦାୟକୁ କ୍ଷମା କରିଦିଅ । ହେ ଅଲ୍ଲାଃ ! ମୋତେ ଓ ମୋ ସମ୍ପ୍ରଦାୟକୁ କ୍ଷମା କରିଦିଅ । ହେ ଅଲ୍ଲାଃ ! ମୋତେ ଓ ମୋ ସମ୍ପ୍ରଦାୟକୁ କ୍ଷମା କରିଦିଅ । ମହାଭାଗ ତିନିଥର ଏହି ଉକ୍ତିର ପୁନରାବୃତ୍ତି କଲେ ଓ କହିଲେ; ମୁଁ ଅଲ୍ଲାଃଙ୍କ ଶ୍ରୀଛାମୁରୁ ନିଜ ଓ ତୁମ ସକାଶେ କ୍ଷମାଯାଚନା କରିଛି । ଏହି ଅବସରରେ ହରକଲ୍‌କୁ ଇସଲାମ ଧର୍ମ ପ୍ରତି ଡ଼ାକରା ଦେଇ ପତ୍ର ପ୍ରେରଣ କରିବାର ଚର୍ଚ୍ଚା ମଧ୍ୟ ମିଳୁଅଛି । ଅତଏବ ଯେତେବେଳେ ହରକଲ୍‌କୁ ପତ୍ର ମିଳିଲା ସେତେବେଳେ ସେ ତାହାକୁ ପାଠ କଲା ଓ କହିଲା, ତୁମେ ନିଜ ନବୀଙ୍କ ନିକଟକୁ ଚାଲିଯାଅ ଓ ତାଙ୍କୁ କୁହ ମୁଁ ତାଙ୍କର ଆନୁଗତ୍ୟ ସ୍ୱୀକାର କରୁଅଛି । କିନ୍ତୁ ମୁଁ ନିଜ ସାମ୍ରାଜ୍ୟକୁ ଛାଡ଼ିବାକୁ ପ୍ରସ୍ତୁତ ନାହିଁ । ସେ କିଛି ଦିନାର୍ (ମୁଦ୍ରା) ମଧ୍ୟ ମହାଭାଗଙ୍କ ନିକଟକୁ ପ୍ରେରଣ କରିଥିଲା । ଯେତେବେଳେ ହୁଜୁର[ସ.ଅ]ଙ୍କୁ ଏହି ଖବର ଦିଆଗଲା ସେତେବେଳେ ହୁଜୁର[ସ.ଅ] କହିଲେ; ସେ ମିଛ କହିଛି । ତା'ପରେ ମହାଭାଗ ସେହି ରାଶିକୁ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଲେ ।

ଏହି ଅବସରରେ ଏଲା ବାସୀଙ୍କ ସହିତ ସନ୍ଧି କରିବାର ମଧ୍ୟ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ତବୁକ୍ ଯୁଦ୍ଧର ଅବସ୍ଥାନ କାଳରେ ଏଲା ଅଞ୍ଚଳର ହାକିମ ଓ ତତ୍ ସହିତ ସିରିୟା ବାସୀ, ୟମନ୍ ବାସୀ,

ସମୁଦ୍ର ଉପକୂଳ ବାସୀ, ଜର୍‌ବା ବାସୀ ଓ ଅଜରୁଖ୍ ବାସୀ ମଧ୍ୟ ଆସି ସନ୍ଧି କରିବାର ନିବେଦନ କରିଥିଲେ । ବସ୍ତୁତଃ ହୁଜୁର[ସ.ଅ] ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ପତ୍ର ଲେଖି ଦେଲେ । ପୁନଶ୍ଚ ମକ୍‌ନା ଅଞ୍ଚଳର ୟହୁଦିମାନଙ୍କ ସହିତ ମଧ୍ୟ ଚୁକ୍ତି ସ୍ୱାକ୍ଷର ହୋଇଥିଲା, ହୁଜୁର[ସ.ଅ] ତାଙ୍କୁ ବି ଏକ ସୁରକ୍ଷା ପ୍ରଦାନ କରିବାର ପତ୍ର ଲେଖି ଦେଲେ । ତବୁକ୍ ଯୁଦ୍ଧ ପରିପ୍ରେକ୍ଷୀରେ ଗୋଟିଏ ସରିୟା ହଜରତ ଖାଲିଦ୍ ବିନ୍ ୱ୍ଲିଦ୍[ର.ଅ]ଙ୍କ ନେତୃତ୍ୱରେ ଉକେଦ୍ ବିନ୍ ଅବ୍ଦୁଲ୍ ମଲକ୍ ଆଡ଼କୁ କରାଯାଇ ଥିବାର ବର୍ଣ୍ଣନା ମୁଳୁଅଛି । ତବୁକ୍ ଠାରୁ ୪୦୦କି.ମି ଦୂରରେ ଉକ୍ତ ଦୁର୍ଗଟି ଅବସ୍ଥିତ ଥିଲା । ଉକେଦ୍ କବିଲା ବନୁ କନ୍ଦା (ଜାତି)ର ଥିଲେ ଓ ତାହାର ରାଜା (ଶାସକ) ଜଣେ ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତି ଥିଲେ । ହୁଜୁର[ସ.ଅ] ହଜରତ ଖାଲିଦ୍ ବିନ୍ ୱ୍ଲିଦ୍[ର.ଅ]ଙ୍କୁ ନିର୍ଦ୍ଦେଶ ଦେଲେ ତୁମେ ତାଙ୍କୁ ରାତ୍ର ସମୟରେ ଦେଖିବ ଯେତେବେଳେ କି ସେ ଗାଈର ଶିକାର କରୁଥିବେ ଓ ସେତିକି ବେଳେ ତୁମେ ତାହାକୁ ଧରି ନେବ । ପୁନଶ୍ଚ କହିଲେ; ଅଲ୍ଲାଃତାଲା ତୁମକୁ ଦୋମାଃ ଅଞ୍ଚଳ ଜୟ କରାଇ ଦେବେ । ଯେତେବେଳେ ତୁମେ ତାହା ଉପରେ ବିଜୟ ପ୍ରାପ୍ତ କରିନେବ ସେତେବେଳେ ତାହାର (ଶାସକ)କୁ ନିହତ କରିବ ନାହିଁ, ବରଂ ତାକୁ ମୋ ନିକଟକୁ ଘେନି ଆଣିବ । ଆଉ ଯଦି ସେ ଅସମ୍ମତ ହୁଏ ଓ ତୁମ ସହିତ ସଂଘର୍ଷ କରେ ତେବେ ତାହାକୁ ବଧ କରିଦେବ । **ଅତଃ ଏହିପରି ହିଁ ଘଟିଲା ।**

ତବୁକ୍ ଯୁଦ୍ଧ ଅବସରରେ ଜଣେ ସାହାବି ହଜରତ ଅବ୍ଦୁଲ୍ଲାଃ ଜୁଲ୍‌ବଜାଦ୍ଦିନ୍ ମୁଜ୍‌ନୀ[ର.ଅ]ଙ୍କର ଦେହାନ୍ତ ଓ ତାଙ୍କ ଅନ୍ତ୍ୟେଷ୍ଟିକ୍ରୀୟା କରାଯାଇ ଥିବାର ବର୍ଣ୍ଣନା ମିଳୁଅଛି । ଯାହାକୁ ଦେଖି ବଡ ବଡ ସାହାବାମାନେ ମଧ୍ୟ ଏହି ଅଭିଳାଷ ପ୍ରକଟ କରିଥିଲେ ଯେ, ଏହି ସାମଧି ଆମର ହୋଇଥାନ୍ତା କି ! ଏହିପରି ଏହି ଯାତ୍ରାରେ ହଜରତ ମାଓ୍ୱିୟା ବିନ୍ ମାଓ୍ୱିୟା ମୁଜ୍‌ନୀ[ର.ଅ]ଙ୍କର ଜନାଯାଃ ପାଠ କରିବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ହଜରତ ଅବ୍‌ବାସ୍ ବିନ୍ ମାଲିକ୍ ବର୍ଣ୍ଣନା କରନ୍ତି । ହୁଜୁର[ସ.ଅ] ତବୁକ୍ ସ୍ଥଳେ ଥିଲେ ଯେ ହଜରତ ଜିବରିଲ୍ ଆସିଲେ ଓ ସୂଚନା ଦେଲେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ମାଓ୍ୱିୟା ମୁଜ୍‌ନୀ[ର.ଅ]ଙ୍କର କାଳ ହୋଇଯାଇଛି, ତାଙ୍କର ଜନାଯାଃ ପାଠ କରନ୍ତୁ । ପୁଣି କଶଫ୍ (ଅର୍ଦ୍ଧଚେତନ ଅବସ୍ଥାରେ ଏହି ଅଲୌକିକ ଦୃଶ୍ୟ) ଦେଖିଲେ ଯେ ତାଙ୍କ ଖଟିଆ, ଯେଉଁଥିରେ ତାଙ୍କର ମର ଶରୀର ରହିଥିଲା । ଉପରକୁ ଉର୍ଦ୍ଧ୍ୱଗାମୀ କରାଗଲା ଓ ତାହା ହୁଜୁର[ସ.ଅ]ଙ୍କ ସମ୍ମୁଖକୁ ଆସିଗଲା । ମହାଭାଗ ତାଙ୍କର ଜନାଯାଃ ପାଠ କରାଇଲେ ଓ ସେତେବେଳେ ହୁଜୁର[ସ.ଅ]ଙ୍କ ସମ୍ମୁଖରେ ଫରିସ୍ତାମାନେ ମଧ୍ୟ ଧାଡ଼ି ବାନ୍ଧି ରହିଥିଲେ । ମହାଭାଗ ହଜରତ ଜିବରିଲ୍[ଅ.ସ]ଙ୍କୁ ପଚାରିଲେ ଏହି ପଦମର୍ଯ୍ୟାଦା (ଉଚ୍ଚାସନ) ତାଙ୍କୁ କିପରି ପ୍ରାପ୍ତ ହେଲା । ଏଥିରେ ହଜରତ ଜିବରିଲ୍[ଅ.ସ] ଉତ୍ତର ଦେଲେ, ସେ ସୁରଃ କୁଲ୍‌ହୁ ଅଲ୍ଲାହୁ ଅହଦ୍‌କୁ ଗଭୀର ପ୍ରେମ କରିଥିବା ଯୋଗୁଁ । **ସେ ବସିବା, ଉଠିବା, ଆରୋହଣ କରିବା ଓ ପଦଯାତ୍ରା କରୁଥିବା ପ୍ରତ୍ୟେକ ଅବସ୍ଥାରେ ତାହାର ହିଁ ଆବୃତ୍ତି କରୁଥିଲେ** । ଏହି ବର୍ଣ୍ଣନା ମଧ୍ୟ ମିଳୁଅଛି ଯେ, ତବୁକ୍ ସ୍ଥାନରେ ପହଞ୍ଚିବା ପରେ ଆଗକୁ ଅଗ୍ରସର ହେବା ସକାଶେ ହୁଜୁର[ସ.ଅ] ସାହାବାଙ୍କ ସହିତ ପରାମର୍ଶ କଲେ । ଏଥିରେ ହଜରତ ଉମର[ର.ଅ] କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ରୋମବାସୀଙ୍କ ନିକଟରେ ବହୁ ସଂଖ୍ୟକ ସୈନିକ ଅଛନ୍ତି, ସେମାନଙ୍କ ମଧ୍ୟରୁ କେହି ହେଲେ ମୁସଲମାନ ନାହାନ୍ତି । ଆଉ ଆମେ ସେମାନଙ୍କ ନିକଟକୁ ଆସିଯାଇଛେ । ଆପଣ ସ୍ୱୟଂ ସେମାନଙ୍କର ଏତେ ନିକଟତର ହେବା ହିଁ ସେମାନଙ୍କୁ ଭୟଭୀତ କରିଦେଇଛି । ତେଣୁ ଏହି ବର୍ଷ ଆମକୁ ଫେରି ଯିବା ଉଚିତ୍ । ଏପରିକି ଆମ ପାଇଁ କୌଣସି ସରଳ ମାର୍ଗ ଉନ୍ମୁକ୍ତ ହୋଇଯିବ ଅବା ପରାକ୍ରମୀ ଅଲ୍ଲାଃତାଲା କୌଣସି ସହଜତା ଉତ୍ପନ୍ନ କରିଦେବେ । ସେ ଯାହା ହେଉ ଏହି କଥା ଶୁଣିବା ପରେ ହୁଜୁର[ସ.ଅ] ତବୁକ୍ ସ୍ଥଳେ ୨୦ଦିନ ଅବସ୍ଥାନ

କରିବା ପରେ ପ୍ରତ୍ୟାବର୍ତ୍ତନ କରିବାର ନିଷ୍ପତ୍ତି ନେଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ୨୦ରୁ କମ୍ ଦିନ ତବୁକ୍ ସ୍ଥଳେ ଅବସ୍ଥାନ କରିଥିଲେ । ତେବେ ମଦିନାରୁ ପ୍ରସ୍ଥାନ ଓ ସେଠାକୁ ଫେରି ଆସିବାରେ ଦୁଇମାସ ଅବା ତଦ୍‌ଉର୍ଦ୍ଧ୍ୱ ସମୟ ଲାଗିଥିଲା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ମୁସଲମାନମାନେ ମଦିନା ଫେରିବା ଯାତ୍ରାର ବ୍ୟାଖ୍ୟା ଆସନ୍ତାରେ ବର୍ଣ୍ଣନା କରିବି । ଇନ୍‌ଶାଅଲ୍ଲାଃ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ମୁଁ ପୂର୍ବରୁ ମଧ୍ୟ ବାଙ୍ଗଲାଦେଶର ଅହମଦିମାନଙ୍କ ପାଇଁ ଦୁଆ କରିବାକୁ କହିଥିଲି । ସେଠାରେ ଅହମଦି ବିରୋଧୀ ଦଳ ବହୁତ ହଟ୍ଟଗୋଳ ଓ ଉତ୍ପାତ ଚଳାଇଛନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ଅହମଦିଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଓ ଶତ୍ରୁର ସମସ୍ତ ଚକ୍ରାନ୍ତରୁ ଉଦ୍ଧାର କରନ୍ତୁ । ଏହିପରି ପାକିସ୍ତାନର ଅହମଦିମାନଙ୍କ ପାଇଁ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସୁରକ୍ଷିତ ରଖନ୍ତୁ । ଏବେ ବହୁତ ଦୁଆ କରିବାର ଆବଶ୍ୟତା ରହିଛି । ଏହିପରି ମଧ୍ୟ ଏସିଆ ପାଇଁ ମଧ୍ୟ ଦୁଆ କରିବେ, ସନ୍ଧି ଓ ସିଜ୍ ଫାୟାର୍ ସତ୍ତ୍ୱେ ସେମାନଙ୍କୁ ପୂର୍ବ ପରି ସର୍ବସାଧାରଣରେ ଅତି ନିର୍ମମ ଭାବରେ ହତ୍ୟା କରାଯାଉଛି । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । ପୁଣି ଆଫ୍ରିକାର ଅହମଦିମାନଙ୍କ ପାଇଁ ଦୁଆ କରିବେ । ସେଠାରେ ମଧ୍ୟ ଅନେକ ସ୍ଥାନରେ ପ୍ରଶାସନ ସେମାନଙ୍କ ଉପରେ ଅତ୍ୟାଚାର କରୁଅଛି, ଆଉ କେତେକ ସ୍ଥାନରେ ଉର୍ଗବାଦୀମାନେ ଆକ୍ରମଣ କରୁଛନ୍ତି । ଫଳରେ ଅନେକ ଅହମଦି ପ୍ରଭାବିତ ହେଉଛନ୍ତି ଅର୍ଥାତ୍ (ଧନଜୀବନର) କ୍ଷତି ସହ୍ୟ କରୁଛନ୍ତି । ଅଲ୍ଲାଃତାଲା ସମଗ୍ର ବିଶ୍ୱରେ ଶାନ୍ତି ଓ ନିରାପତ୍ତା ସ୍ଥାପନ କରନ୍ତୁ । ଆମିନ୍ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ମୁହମ୍ମଦ ହୁସେନ୍ ସାହେବ ପିତା ଶ୍ରୀମାନ ମୁହମ୍ମଦ ଇସମାଇଲ୍ ସାହେବ ରବଓ୍ୱା ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ତଥା ତାଙ୍କ ପାଇଁ କ୍ଷମାଯାଚନା କରି ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** ***

Khulasa Khutba Juma Huzoor Anwar a.b.a

14th November 2025

*Translated to Odia by :* Moulavi Anwar Ahmad Khan